## ସଂକ୍ଷେପରେ

### ଶ୍ରୀ ଦଧିବାମନ ଜୀଉଙ୍କ ବସନ୍ତ ପଞ୍ଚମୀ ପର୍ବ ପାଳିତ



**କେନ୍ଦ୍ରାପଡ଼ା ଅଫିସ,୫।୨:** ଚଉଦକୁଲାଟସ୍ଥ ତମାଳ କ୍ଷେତ୍ରାଧିପତି ଶ୍ରୀ ଦଧିବାମନଜୀଉଙ୍କ ବସନ୍ତ ପଞ୍ଚମୀ ପର୍ବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜୀଉଙ୍କ ଘୋଡ଼ବସ୍ତ୍ର ଉଲାଗି ସହ ବସନ୍ତ ଅବିର ଗ୍ରହଣ ଉତ୍ସବ ଏହି ଅବସରରେ ସମ୍ପୂର୍ଣ୍ଣ ହୋଇଛି । ଏଥିସହ ଶ୍ରୀଜୀଉଙ୍କ ବିଜେପ୍ରତିମା ଶ୍ରୀ ଗୋପୀନାଥଜୀଉ ବସନ୍ତ ବଗିଚା ଗମନ କରିଛନ୍ତି । ଅପରାହ୍ନରେ ଶ୍ରୀଜୀଉଙ୍କ କାଞ୍ଚି କାବେରୀ ବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

### ମଧୁସୂଦନ ଦାସଙ୍କ ପୁଣ୍ୟତିଥି ପାଳିତ

**ଧର୍ମଶାଳା,୫।୨(ଡି.ଏନ.ଏ.):** ଉତ୍କଳ ଗୌରବ ମଧୁସୂଦନ ଦାସ କେବଳ ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବରେଣ୍ୟ କର୍ଣ୍ଣଧାର ଥିଲେ ତାହା ନୁହେଁ, ତତ୍କାଳୀନ ଓଡ଼ିଶାରେ ଶିଳ୍ପ ଓ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦେଇ ଏକ ପ୍ରଗତିଶୀଳ ପ୍ରଦେଶ ନିର୍ମାଣ ଲାଗି ସେ ସ୍ୱପ୍ନ ଦେଖିଥିଲେ ବୋଲି ବିଶିଷ୍ଟ ସାହିତ୍ୟକାରମାନେ ମତବ୍ୟକ୍ତ କରିଛନ୍ତି। ଗୋକର୍ଣ୍ଣିକା ସାହିତ୍ୟ ସମାଜ ଜାରକା ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ପୂର୍ବତନ ଏମ୍ପି ରୀତା ତରାଇ, ସମ୍ମାନିତ ଅତିଥି ଭାବେ ଉପେନ୍ଦ୍ର ସାରଦା ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ସାହୁ, କୋଲକାତାସ୍ଥିତ ଜିଆଇଏସ୍ ଇଂଜିନିୟରିଂ କଲେଜର ସହକାରୀ ପ୍ରଫେସର ଡକ୍ଟର ଅମୃତ ରଞ୍ଜନ ଜେନା ଯୋଗଦେଇ କହିଥିଲେ, ୧୯୭୮ରେ ମଧୁବାବୁ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ କୋଲକାତାରେ ଓକିଲାତି ଆରମ୍ଭ କରିଥିଲେ। ସେଥିପାଇଁ ତାଙ୍କୁ ମଧୁବାରିଷ୍ଟର ବୋଲି କୁହାଯାଉଥିଲା। ମୁଖ୍ୟବକ୍ତା ଭାବେ ଗ୍ରନ୍ଥକାର ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇ ମଧୁବାବୁ ଯଥାର୍ଥରେ ଓଡ଼ିଆ ଜାତିର ମନ୍ତ୍ରଦାତା ଓ ସେ ପ୍ରଥମ ଓଡ଼ିଆ ବ୍ୟବସ୍ଥାପକ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସଂଗ୍ରାମ କେଶରୀ ଜେନା, ସନ୍ତୋଷ କୁମାର ତରାଇ, ବଟକୃଷ୍ଣ ପରିଡ଼ା, ବିନୋଦ ବିହାରୀ ସାହୁ, ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ସଂପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିବାବେଳେ ସହସମ୍ପାଦକ ଦେବବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।

### ୩ ଲୁଟେରା ଗିରଫ: ଟ୍ରକ୍ ଜବତ

**ଭଦ୍ରକ ଅଫିସ,୫।୨:** ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଶନିବାର ୩ଜଣ ଟ୍ରକ୍ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ୩ ଲୁଟେରା ଗେଲପୁର ଅଞ୍ଚଳରୁ ଏକ ଟ୍ରକ୍ ହେଲ୍‌ପରଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟି ନେଇଥିଲେ। ଟ୍ରକ୍‌ଟି ଗେଲପୁର ଅଞ୍ଚଳରେ ରଖାଯାଇଥିଲା। ଖବର ପାଇ ସେଠାରେ ଚଢ଼ାଉ ପୂର୍ବକ ଟ୍ରକ୍ ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଦୁଇଟି ଚୋରା ମୋଟର ସାଇକେଲ ମଧ ଜବତ ହୋଇଛି। ଗିରଫ ୩ ଜଣଙ୍କ ନାଁରେ ପୂର୍ବରୁ ହାଇୱେ ଲୁଟ୍ ଉଦ୍ୟମ ମାମଲା ରହିଥିବା ଜଣାପଡ଼ିଛି। ଏନେଇ ଥାନାରେ ମାମଲା (ନଂ.୬୨/୨୨) ରୁଜୁ ହୋଇଛି।

### ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

**ବନ୍ତ,୫।୨(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ବସନ୍ତିଆଠାରେ ଏକ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତକ ଶରତ ଜେନା ଓ ଆହତ ଯୁବକଙ୍କ ଘର ସାବରଙ୍ଗ ଅଞ୍ଚଳରେ ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସେମାନେ ଆନନ୍ଦପୁରରୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଅପରପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ହାଇୱା ଧକ୍କା ଦେଇଥିଲା। ପୋଲିସ ହାଇୱାକୁ ଜବତ କରି ଥାନାକୁ ନେଇଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି।

# ସରକାରୀ ଯୋଜନାକୁ ପ୍ରାର୍ଥୀଙ୍କ ଭରସା

**ଡେରାବିଶ, ୫।୨(ସ୍ୱ.ପ୍ର.)**

**୧୨ନଂ. ଜିଲା ପରିଷଦ ଜୋନ୍**



ଧନେଶ୍ୱର ସେଠୀ



ସସ୍ମିତା ଜେନା



ତପନ ମଲ୍ଲିକ

- ୩ ଦଳ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର
- ୧୬ରେ ଭୋଟ ଗ୍ରହଣ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ୍ ଫେବୃୟାରୀ ୧୬ରେ ଡେରାବିଶ ବ୍ଲକରେ ଅନୁଷ୍ଠିତ ହେବ । ଏଥିପାଇଁ ଆଉମାତ୍ର ଅଳ୍ପ ଦିନ ବାକି ରହିଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାରକୁ ଜୋର୍‌ଦାର୍ କରିଛନ୍ତି । ଏହି ବ୍ଲକ ଅଧୀନରେ ୧୨ ନଂ. ଜିଲା ପରିଷଦ ଜୋନ୍ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବିଜେଡି ପ୍ରାର୍ଥୀ ରାଜ୍ୟ ସରକାରଙ୍କ ଜନମଙ୍ଗଳ ଯୋଜନାକୁ ନେଇ ଭୋଟରଙ୍କ ପାଖରେ ପହଞ୍ଚୁ ଥିବା ବେଳେ ଭାଜପା କେନ୍ଦ୍ର ସରକାରଙ୍କ ଯୋଜନାର ଗୁଣଗାନ କରୁଛନ୍ତି । ଅନ୍ୟପକ୍ଷେ କଂଗ୍ରେସ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୋଷତ୍ରୁଟିକୁ ନେଇ ଭୋଟରଙ୍କ ପାଖକୁ ଯାଉଛନ୍ତି ।

ସୂଚନା ଅନୁଯାୟୀ ଏହି ଜୋନ୍‌ରେ ୭ ପଞ୍ଚାୟତ ରହିଛି । ସମୁଦାୟ ଭୋଟରଙ୍କ ସଂଖ୍ୟା ୩୬ହଜାର ୬୬୬ । ସେଥିମଧ୍ୟରୁ ୧୭ହଜାର ୭୪୭ ଜଣ ମହିଳା ଭୋଟର ଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧୮ହଜାର ୯୨୯ । ସମୁଦାୟ ୧୨୬ବୁଥ୍‌ରେ ଏହି ଭୋଟରମାନେ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଚଳିତ ନିର୍ବାଚନରେ ବିଜେଡି ପକ୍ଷରୁ ଜଣେ ଅବସରପ୍ରାପ୍ତ ଅଧିକାରୀ ଧନେଶ୍ୱର ସେଠୀଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ଭାଜପା ପକ୍ଷରୁ ତପନ ମଲ୍ଲିକ ଓ କଂଗ୍ରେସ ତରଫରୁ ସସ୍ମିତା ଜେନା ପ୍ରାର୍ଥୀ ହୋଇଛନ୍ତି । ବିଜେଡି ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ଓ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ବଳିଷ୍ଠ ପଦକ୍ଷେପର ବାର୍ତ୍ତା ପ୍ରତି ଭୋଟରଙ୍କ ନିକଟରେ ପହଞ୍ଚାଉଥିବା ଦେଖିବାକୁ ମିଳିଛି । ଏଥର ନିର୍ବାଚନରେ ତାଙ୍କୁ ସଫଳତା ମିଳିବ ବୋଲି ସେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଧନେଶ୍ୱର କହିଛନ୍ତି, ରାଜ୍ୟର ବିକାଶ ଧାରାରେ ଡେରାବିଶକୁ ସାମିଲ କରିବା ପାଇଁ ମୁଁ ସଂକଳ୍ପବଦ୍ଧ । ଭାଜପା ପ୍ରାର୍ଥୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ନେଇ ଭୋଟରଙ୍କୁ ବୁଝାଉଛନ୍ତି। ଏଥର ନିର୍ବାଚନରେ ସେ ସଫଳତା ପାଇବେ ବୋଲି ଆଶାବାଦୀ ଥିବା କହିଛନ୍ତି। ବିଜୟୀ ହେଲେ ସାଧାରଣ ଲୋକଙ୍କ ପାଇଁ ଆସୁଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତିର ପର୍ଦ୍ଦାଫାଶ କରିବେ ବୋଲି କହିଛନ୍ତି । ଅପରପକ୍ଷେ କଂଗ୍ରେସ ପ୍ରାର୍ଥୀ ସସ୍ମିତା କହିଛନ୍ତି, ଗରିବ ହିତାଧିକାରୀଙ୍କ ପାଇଁ ଆସୁଥିବା ବାସଗୃହ ଯୋଜନା ସମ୍ପୂର୍ଣ୍ଣ ବାଟମାରଣା ହୋଇଥିବା ବେଳେ ବୟସ୍କ ପାଇଁ ଆସୁଥିବା ଭତ୍ତା ପାଇବାରୁ ଏହି ଜୋନ୍‌ର ବହୁ ହିତାଧିକାରୀ ବଞ୍ଚିତ ହୋଇଛନ୍ତି । ୧୪୦ ବର୍ଷର କଂଗ୍ରେସ ଦଳ ସବୁ ସମୟରେ ସାଧାରଣ ଲୋକଙ୍କ ସହିତ ଥିଲା, ଅଛି ଓ ଭବିଷ୍ୟତରେ ରହିବ । ଚଳିତ ନିର୍ବାଚନରେ ତାଙ୍କ ପ୍ରତି ସାଧାରଣ ଭୋଟରଙ୍କ ସମର୍ଥନ ଯଥେଷ୍ଟ ଅଧିକ ରହିଛି ବୋଲି ସସ୍ମିତା କହିଛନ୍ତି।

## ଶ୍ରୀ ବଳଦେବ ଜୀଉଙ୍କ କାଞ୍ଚି କାବେରୀ ବେଶ

**କେନ୍ଦ୍ରାପଡ଼ା ଅଫିସ, ୫।୨**

**ଶୀତବସ୍ତ୍ର ପରିତ୍ୟାଗ, ରଥକାଠ ଅନୁକୂଳ**



କାଞ୍ଚି କାବେରୀ ବେଶରେ ଶ୍ରୀଜୀଉ ।

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ କାଞ୍ଚି କାବେରୀ ବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା । ଶ୍ରୀଜୀଉ ଶୀତବସ୍ତ୍ର ପରିତ୍ୟାଗ କରି ଶୁକ୍ଳବସ୍ତ୍ର ପରିଧାନ କରିଥିଲେ । ସେହିପରି ଶ୍ରୀଜୀଉଙ୍କ ବିଜେ ପ୍ରତିମାଙ୍କ ବସନ୍ତ ବଗିଚା ଗମନ ଓ ରଥକାଠ ଅନୁକୂଳ ରୀତି ବସନ୍ତ ପଞ୍ଚମୀ ତିଥିରେ ଅନୁଷ୍ଠିତ ହୋଇଥିଲା । ପାରମ୍ପରିକ ରୀତି ଅନୁଯାୟୀ ସକାଳ ଧୂପ ବଢ଼ିଲା ପରେ ମନ୍ଦିର ଶୋଧ କରାଯାଇ ଭୋଗ ମଣ୍ଡପରେ ଶ୍ରୀଜୀଉଙ୍କ ବିଜେପ୍ରତିମା ଗୋବିନ୍ଦଜୀଉଙ୍କୁ ଏକ ଖଟୁଲିରେ ବିଜେ କରାଯାଇଥିଲା । କଳସ ସ୍ଥାପନ ପରେ ମନ୍ଦିର ପୁରୋହିତ ବିଜେ ପ୍ରତିମାଙ୍କ ଅଭିଷେକ କରାଇଥିଲେ । ଏହି ଅବସରରେ ଶ୍ରୀଜୀଉଙ୍କ ମସ୍ତକରେ ବଉଳ ଓ ଅବିର ଲାଗି ହୋଇଥିଲା । ମଙ୍ଗଳାର୍ପଣ ପରେ ଚଣାଖିଜା ଭୋଗ ଅର୍ପଣ କରାଯାଇଥିଲା । ବିଜେ ପ୍ରତିମାଙ୍କ ବସନ୍ତ ବଗିଚା ଗମନ ପରେ ମନ୍ଦିର ଶୋଧ ହୋଇ ଦ୍ୱିପହର ନୀତି ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ କାଞ୍ଚି କାବେରୀ ବେଶ ଅନୁଷ୍ଠିତ ହୋଇଥିଲା । ଶ୍ରୀ ବଳଦେବଜୀଉ ଓ ସାନୁଜ ଶ୍ରୀଜଗନ୍ନାଥ ଧଳା ଓ କଳା ଘୋଡ଼ାରେ ବସି କାଞ୍ଚି ଅଭିଯାନରେ ବାହାରିଥିବା ବେଳେ ମଣ୍ଡପରେ ମାଣିକ ଗଉଡୁଣୀଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳିଥିଲା । ଏହି ବେଶ ଅନ୍ୟ ମନ୍ଦିରରେ ଦେଖିବାକୁ ମିଳେ ନାହିଁ ବୋଲି ସେବାୟତ ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଆଗାମୀ ରଥଯାତ୍ରା ପାଇଁ ରଥ କାଠ ଅନୁକୂଳ ହୋଇଥିଲା ।

## ବିସ୍ଫୋରଣରେ ଯୁବକଙ୍କ ପାପୁଲି ଛିଣ୍ଡିଲା

**ବିରିଡି, ୫।୨(ଡି.ଏନ.ଏ.)**

**ବାହାଘରରେ ବାଣ ଫୁଟାଇବା କାଳ ହେଲା**



ମାଉସୀ ଝିଅ ବାହାଘରରେ ବାଣ ଫୁଟାଇବାକୁ ଯାଇ ଶୁକ୍ରବାର ରାତିରେ ବିସ୍ଫୋରଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ବାମ ହାତ ପାପୁଲି ଛିଣ୍ଡିଯାଇଛି। ଏଭଳି ଘଟଣା ବିରିଡି ବ୍ଲକ ୨୨ ମୌଜାସ୍ଥିତ ଅଲିପଡା ଗ୍ରାମରେ ଘଟିଛି। ଗୁରୁତର ଜଣକ ହେଲେ ଏହି ବ୍ଲକ ଅନ୍ତର୍ଗତ ହାଜିପୁର ଗ୍ରାମର ରାଜା ଭୋଇ। ତାଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ଏବେ ଚିକିତ୍ସାଧୀନ ରହିଛନ୍ତି। ରାଜା ସମ୍ପର୍କୀୟ ଭଉଣୀର ବାହାଘରରେ ଯୋଗଦେବାକୁ ଅଲିପଡା ଆସିଥିଲେ। ସେଠାରେ ବିବାହ ଶୋଭାଯାତ୍ରା ପାଇଁ ଆସିଥିବା ବାଣରୁ ଗୋଟିଏ ନେଇ ନିଆଁ ଲଗାଇଥିଲେ । ଏହି ସମୟରେ ବାଣଟି ହଠାତ୍ ଫୁଟିଯାଇଥିଲା ।

## ଜମି ଅଧିଗ୍ରହଣ ପ୍ରସଙ୍ଗ ଗୁରୁତ୍ୱ ବହନ କରିବ

**କୁଜଙ୍ଗ,୫।୨(ଡି.ଏନ୍.ଏ.)**

**ଏରସମା ୪ନଂ. ଜିଲା ପରିଷଦ ଜୋନ୍**

ଜଗତସିଂହପୁର ଜିଲା ଏରସମା ବ୍ଲକର ୪ନଂ. ଜୋନ୍‌ରେ ଜିଲା ପରିଷଦ ଆସନ ପାଇଁ ୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଲୋଚନା ହେଉଛି। ବିଶେଷକରି ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଲଢ଼େଇ ହେବା ସମ୍ଭାବନା ରହିଛି। ନିର୍ବାଚନରେ ବିଜେଡି ପକ୍ଷରୁ ଡା. ତମିଲ ପ୍ରଧାନ, କଂଗ୍ରେସରୁ ପିନାକି ନାରାୟଣ ଦାସ, ଭାଜପାରୁ ପଦ୍ମଲୋଚନ ଦାଶ, ଆମ ଆଦ୍‌ମି ପାର୍ଟିରୁ ବିଭୂତି ଭୂଷଣ ସ୍ୱାଇଁ ଓ ବହୁଜନ ସମାଜ ପାର୍ଟିରୁ କୈଳାସ କଳାପାହାଡ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଏହି ଜୋନ୍ ଅଧୀନରେ ଢିଙ୍କିଆ, ନୂଆଗାଁ, ଗଡକୁଜଙ୍ଗ, ବାଲିତୁଠ, ବାମଦେଇପୁର, ଚଟୁଆ ଓ ବଳେଇପୁର ଭଳି ୭ ପଞ୍ଚାୟତ ଥିବାବେଳେ ଉକ୍ତ ଜୋନ୍‌ରେ ୪୨ ହଜାରରୁ ଊର୍ଦ୍ଧ୍ୱ ଭୋଟର ଅଛନ୍ତି। ବିଶେଷକରି ଏହି ଜୋନର ୭ ପଞ୍ଚାୟତ ମଧ୍ୟରୁ ଢିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ପଞ୍ଚାୟତ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳରେ ଯାଉଥିବାରୁ ଜମି ଅଧିଗ୍ରହଣ ପ୍ରସଙ୍ଗ ନିର୍ବାଚନରେ ବିଶେଷ ଗୁରୁତ୍ୱ ବହନ କରିବ।

ବିଜେଡି ପ୍ରାର୍ଥୀ ଡା.ପ୍ରଧାନ ଅଞ୍ଚଳରେ ଜଣେ ଜଣାଶୁଣା ସାମାଜିକ କର୍ମୀ ଓ ସଂଗଠକ ରୂପେ ପରିଚିତ । କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପିନାକି ନାରାୟଣ ଦାସ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ପରିବାରରୁ ଆସିଥିବା ବେଳେ ପ୍ରଚାର କାର୍ଯ୍ୟ ଜୋରଦାର କରୁଛନ୍ତି। ସେ ଘରକୁ ଘର ବୁଲି ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ ଚଳାଇଛନ୍ତି। ଭାଜପାରୁ ପ୍ରାର୍ଥୀ ହୋଇଥିବା ପଦ୍ମଲୋଚନ ପୂର୍ବରୁ ବିଜେଡିର ଚଟୁଆ ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ଜଣେ ଜଣାଶୁଣା ଆଇନଜୀବୀ । ସେ ପୂର୍ବରୁ ବିଜେଡିର ଜିଲା ସମ୍ପାଦକ ଥିଲେ । ତେବେ ଜିଲା ପରିଷଦ ପାଇଁ ଟିକେଟ ନ ମିଳିବାରୁ ସେ ଦଳ ଛାଡି ଭାଜପାରେ ଯୋଗଦେଇ ନିର୍ବାଚନ ଲଢୁଛନ୍ତି । ଗତ ନିର୍ବାଚନରେ ଉକ୍ତ ଜୋନ୍‌କୁ ବିଜେଡି ହାତେଇଥିବା ବେଳେ ଏଥର କିଏ ଜିତିବ ତାହା ଦେଖିବାକୁ ବାକି ରହିଲା ।

## ବିଦ୍ୟାଦାତ୍ରୀଙ୍କ ପୂଜା



ସିଂହପୁର ଅଞ୍ଚଳର ଏକ ମଣ୍ଡପରେ ମା' ସରସ୍ୱତୀଙ୍କୁ ପୂଜା କରାଯାଉଛି।

**ସିଂହପୁର,୫।୨(ଡି.ଏନ.ଏ.)**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସମେତ ଏହାର ଆଖପାଖ ଅଞ୍ଚଳରେ ଶନିବାର ବିଦ୍ୟାଦାତ୍ରୀ ମା'ସରସ୍ୱତୀଙ୍କ ପୂଜା କରୋନା କଟକଣା ମଧ୍ୟରେ ପାଳିତ ହୋଇଛି। ସିଂହପୁର ଖିରସ୍ରୋତା ମହାବିଦ୍ୟାଳୟ, ଓଳେଇ ଚନ୍ଦନପୁର ହାଇସ୍କୁଲ ଓ ସିଂହପୁର ଗ୍ରାମ ବଢ଼େଇ ସାହି ସମେତ ବିଭିନ୍ନ ବିଦ୍ୟାଳୟ ଓ କ୍ଲବରେ ପୂଜା ପାଳିତ ହୋଇଛି। କଲେଜ ଓ ବିଦ୍ୟାଳୟଗୁଡ଼ିକରେ ଅଳ୍ପସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ନେଇ ପୂଜା ପାଳନ କରାଯାଇଛି। ସେହିପରି ବିଭିନ୍ନ କ୍ଲବ ଓ ଅନୁଷ୍ଠାନରେ କେବଳ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଛି। କୌଣସି ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇନାହିଁ। ପୂଜାବେଳେ ସମସ୍ତ ମଣ୍ଡପରେ କୋଭିଡ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରାଯାଇଛି।

## ଦୁଇ ଦଳ ମଧ୍ୟରେ କଡ଼ା ଟକ୍କର

**ରଘୁନାଥପୁର ଜିଲା ପରିଷଦ ୨ ନଂ. ଜୋନ୍**

**ଜଗତ୍‌ସିଂହପୁର ଅଫିସ, ୫।୨**

- ଗତ ନିର୍ବାଚନରେ ଅଳ୍ପ ବ୍ୟବଧାନରେ ବିଜେଡି ଜିତିଥିଲା
- ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଫଳତା ବଖାଣୁଛନ୍ତି ନେତା

ତ୍ରିସ୍ତରୀୟ ନିର୍ବାଚନରେ ଜଗତ୍‌ସିଂହପୁର ଜିଲାର ରଘୁନାଥପୁର ୧ନଂ. ଜିଲା ପରିଷଦ ଜୋନ ଭଳି ୨ନଂ. ଜୋନ୍ ମଧ ଅଧିକ ଗୁରୁତ୍ୱ ବହନ କରୁଛି। ୨୦୧୭ ନିର୍ବାଚନରେ ଏହି ଜୋନରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ବିଜେଡି ପ୍ରାର୍ଥୀଙ୍କଠାରୁ ଭାଜପା ପ୍ରାର୍ଥୀ ମାତ୍ର ଅଳ୍ପ ଭୋଟ ବ୍ୟବଧାନରେ ହାରିଯାଇଥିଲେ। ସେତେବେଳେ ପ୍ରଥମେ ଭାଜପା ପ୍ରାର୍ଥୀ ଜିତି ଯାଇଥିବା ପ୍ରଚାର ହୋଇଥିଲା। କିନ୍ତୁ ପରେ ବିଜେଡି ପ୍ରାର୍ଥୀ କମ୍ ଭୋଟ ବ୍ୟବଧାନରେ ଜିତିବା ଖବର ନିଆରା ପରିବେଶ ସୃଷ୍ଟି କରିଥିଲା। ଏଥର ଜୋନରେ ବିଜେଡି, ଭାଜପା, କଂଗ୍ରେସ ଓ ବିଏସ୍‌ପିରୁ ପ୍ରାର୍ଥୀ ହୋଇଥିଲେ ସୁଦ୍ଧା ଭାଜପା ଓ ବିଜେଡି ମଧ୍ୟରେ ଟକ୍କର ହେବାର ଆଭାସ ମିଳିଛି। ବିଜେଡି ରାଜ୍ୟ ସରକାର ଓ ଭାଜପା କେନ୍ଦ୍ର ସରକାରଙ୍କ ସଫଳତା ବଖାଣି ଭୋଟ ହାତେଇବା ପାଇଁ ରଣନୀତି ଆପଣାଉଛନ୍ତି।

ରଘୁନାଥପୁର ୨ନଂ. ଜୋନ୍‌ଟି ଗତଥର ଅଣସଂରକ୍ଷିତ ଥିବାବେଳେ ଏଥର ଅନୁସୂଚିତ ଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ କରାଯାଇଛି। ଏହି ଜୋନ କହିଲେ ଅଢେଇକୂଳ, ଚିକିଣିଆ, ରେଢୁଆ, ରାଢ଼ଙ୍ଗ, ପୁରୁଣାବସନ୍ତ, ଏରଡ଼ଙ୍ଗ, ଛପଡ଼ା, ବିଦ୍ୟାଧରପୁର, ତଅଁରା ଓ ସାଦେଇପୁର ପଞ୍ଚାୟତକୁ ନେଇ ଗଠିତ। ଗତ ନିର୍ବାଚନରେ ଜୋନରେ ଭୋଟର ସଂଖ୍ୟା ୩୨,୭୧୧ ଥିଲା। କିନ୍ତୁ ଏଥର ଅଧିକ ୧୯୯୯ ଜଣ ଯୋଡି ହୋଇଛନ୍ତି। ୨୦୧୭ ନିର୍ବାଚନ ଫଳାଫଳ ଦେଖିଲେ ଏହି ଜୋନରୁ ଭାଜପା ପ୍ରାର୍ଥୀ ମାନସ କୁମାର ମହାପାତ୍ରଙ୍କୁ ୧୨୦୧୨ ଖଣ୍ଡ ଅର୍ଥାତ୍ ମୋଟ ମତଦାନର ୩୬.୭୨% ଭୋଟ ମିଳିଥିଲା। ବିଜେଡି ପ୍ରାର୍ଥୀ ଡେଜାଲିନ ମହାପାତ୍ରଙ୍କ ସପକ୍ଷରେ ୧୨,୦୮୪ ଖଣ୍ଡ ଅର୍ଥାତ୍ ୩୬.୯୪% ଭୋଟ ଯାଇଥିଲା। କଂଗ୍ରେସ ପ୍ରାର୍ଥୀ ଦେବୀପ୍ରସାଦ ମହାରଣାଙ୍କୁ ୧,୪୫୭ ଖଣ୍ଡ ଅର୍ଥାତ୍ ୪.୪୫% ଭୋଟ ମିଳିଥିଲା। ଉକ୍ତ ନିର୍ବାଚନରେ ଭାଜପା ପ୍ରାର୍ଥୀ ମହାପାତ୍ରଙ୍କଠାରୁ ବିଜେଡିର ମହାପାତ୍ର ଅଧିକ ୭୨ ଖଣ୍ଡ ଭୋଟ ପାଇଥିଲେ। ଜିଲାରେ ବିଜେଡି ସପକ୍ଷରେ ଜିଲା ପରିଷଦ ଅଧକ୍ଷ ପଦବୀ ଯାଇଥିଲେ ସୁଦ୍ଧା ରଘୁନାଥପୁର ୨ନଂ. ଜୋନରେ ଯେଉଁଭଳି କଡ଼ା ଟକ୍କର ହୋଇଥିଲା ତାହା ଦଳୀୟ ନେତୃତ୍ୱଙ୍କୁ ବିସ୍ମିତ କରିଥିଲା। ତେଣୁ ଚଳିତ ନିର୍ବାଚନରେ ଉଭୟ ବିଜେଡି ଓ ଭାଜପା ନେତୃତ୍ୱ ଜୋନକୁ ହାତେଇବା ପାଇଁ ପୂରା ଦମ୍ ଲଗାଇଛନ୍ତି। ଉଭୟ ଦଳର ନେତାମାନେ ନୂଆ ରଣନୀତି ଆପଣାଉଛନ୍ତି। ଏଥର ବିଜେଡିରୁ ଇତିଶ୍ରୀ ମଲ୍ଲିକ, ଭାଜପାରୁ ଲିପିକା ମଲ୍ଲିକ, କଂଗ୍ରେସରୁ କନକଲତା ସେଠୀ ଓ ବିଏସ୍‌ପିରୁ ସଚିତ୍ରା ଭୋଇ ପ୍ରାର୍ଥୀ ହୋଇଛନ୍ତି।

କଂଗ୍ରେସ ପ୍ରାର୍ଥୀ ସେଠୀ କହିଛନ୍ତି, ସେ ସ୍ନାତକ କରିବାପରେ ବିଏଡ୍ କରୁଛନ୍ତି। ତାଙ୍କ ସ୍ୱାମୀ ବିଭିନ୍ନ ସଂସ୍ଥା ସହ ଜଡ଼ିତ। ଏପରି କି ଏକାଧିକ କ୍ଲବର ସଭାପତି ଓ ସମ୍ପାଦକ ରହିଛନ୍ତି। ଓମଫେଡ୍ ସୋସାଇଟିର ସଭାପତି ମଧ ଅଛନ୍ତି। ଏନେଇ ସବୁ ପଞ୍ଚାୟତରେ ଭଲ ସମର୍ଥନ ମିଳୁଥିଲେ ସୁଦ୍ଧା ଚିକିଣିଆ, ରେଢୁଆ ଓ ପୁରୁଣାବସନ୍ତ ପଞ୍ଚାୟତରେ ଅଧିକ ଭୋଟ ମିଳିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଭାଜପା ନେତା ଆଡଭୋକେଟ୍ ରାଜକିଶୋର ବେହେରା କହିଛନ୍ତି, ଗତଥର ଖୁବ କମ୍ ଭୋଟରେ ଭାଜପା ପ୍ରାର୍ଥୀ ହାରିଯାଇଥିଲେ ମଧ ଏଥର ସେଭଳି ହେବନି। ଦଳୀୟ ପ୍ରାର୍ଥୀ ଲିପିକା ସ୍ନାତକ କରିଛନ୍ତି। ତାଙ୍କ ସ୍ୱାମୀ ଦଳର ଏହି ଜୋନ୍ ଲାଗି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଅଛନ୍ତି। ଜୋନରେ ପତିଆରା ଭଲ ରହିଛି। ଜୋନ୍‌ର ସବୁ ପଞ୍ଚାୟତରେ ଭଲ ସ୍ଥିତି ଥିବାବେଳେ ସାଦେଇପୁର ଓ ଅଢେଇକୂଳ ଆଦି ପଞ୍ଚାୟତରେ ଅଧିକ ଭୋଟ ମିଳିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଜେଡି ପ୍ରାର୍ଥୀ ଇତିଶ୍ରୀ କହିଛନ୍ତି, ବିଜେଡି ସରକାର ଅମଳରେ ରାଜ୍ୟରେ ବିକାଶର ଧାରା ଜାରି ରହିଥିବାରୁ ଲୋକେ ଆଶ୍ୱସ୍ତ ଅଛନ୍ତି। ସେ ଦଳୀୟ ପ୍ରାର୍ଥୀ ହୋଇଥିବାରୁ ଗତଥର ପରି ଏଥର ମଧ ଜନମତ ବିଜେଡି ପ୍ରାର୍ଥୀ ହିସାବରେ ତାଙ୍କ ସପକ୍ଷରେ ଯିବ। ସମସ୍ତ ପ୍ରାର୍ଥୀ ଜୋରଦାର ପ୍ରଚାର କରୁଥିବା ବେଳେ ଆଗକୁ ସମୀକରଣ କ'ଣ କହୁଛି ଦେଖିବାକୁ ବାକି ରହିଲା।

### ଖବରଦାତାଙ୍କ ବିୟୋଗରେ ବଡ଼ଚଣା ପ୍ରେସ୍ ଫୋରମର ଶୋକ

**ଶହୀଦ ଘୋଷଣା ଦାବି**

**ଚଣ୍ଡିଖୋଲ,୫।୨(ଡି.ଏନ.ଏ.)**

କଳାହାଣ୍ଡିଜିଲା ମ. ରାମପୁର ଥାନା ଅନ୍ତର୍ଗତ ମୋହନଗିରି ଅଞ୍ଚଳରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ 'ଧରିତ୍ରୀ'ର ଖବରଦାତା ରୋହିତ ବିଶ୍ୱାଳଙ୍କ ଶନିବାର ମୃତ୍ୟୁ ହୋଇଛି। ଏନେଇ ବଡ଼ଚଣା ପ୍ରେସ୍ ଫୋରମ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଖବର ସଂଗ୍ରହ କରିବାକୁ ଯାଇ ନିଜେ ଖବର ପାଲଟିଯିବା ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ବୋଲି ଫୋରମ ପକ୍ଷରୁ କୁହାଯାଇଛି। ତାଙ୍କ ବିୟୋଗରେ ଖବରଦାତା ମହେଶ୍ୱର ବଳ, ଭକ୍ତଚରଣ ସାହୁ, ପ୍ରଦୀପ୍ତ କୁମାର ପୃଷ୍ଟି, ଅମରେନ୍ଦ୍ର ସିଂହ, ପ୍ରମୋଦ କୁମାର ପଣ୍ଡା, ପ୍ରତାପ କୁମାର ରାଉତରାୟ, ଅଜୟ ପ୍ରତାପ ସିଂହ, ମନମୋହନ ରାଉତ, ଘନଶ୍ୟାମ ବିଶ୍ୱାଳ, ପ୍ରବାସ କୁମାର ଦାଶ, ପ୍ରକାଶ ସାମଲ, ପ୍ରଫୁଲ୍ଲ ପଣ୍ଡା, ଏକାଦଶୀ ସେଠୀ, ବୀରେନ୍ଦ୍ର ନାୟକ, ବିଷ୍ଣୁପ୍ରସାଦ ପୃଷ୍ଟି, ତ୍ରୈଲୋକ୍ୟ ନାୟକ, ଉତ୍କଳ ପ୍ରଧାନ, ବସନ୍ତ ପଲେଇ, କାର୍ତ୍ତିକ ରାଉତ, ସୌମ୍ୟରଞ୍ଜନ ସାହୁ, ଚନ୍ଦ୍ର ଶେଖର ପୃଷ୍ଟି, ତୁଷାର ଜେନା, ଅଜୟ ଦାସ ଓ ପ୍ରମୋଦ ଜେନା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ରାଜ୍ୟ ସରକାର ତାଙ୍କୁ ଶହୀଦ ଘୋଷଣା କରିବାକୁ ଦାବି କରିଛନ୍ତି।

### ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

**ବାଲୁଗାଁ,୫।୨(ଡି.ଏନ୍.ଏ.)**

ସରସ୍ୱତୀ ପୂଜା ଅବସରରେ ଶନିବାର ବାଲୁଗାଁ ନିକଟ ଗୋପୀନାଥପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଦଶମ ଶ୍ରେଣୀ ଛାତ୍ର ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଛାତ୍ର ହେଲେ ସୋମେଶ ମହାପାତ୍ର(୧୫)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଶନିବାର ମଧ୍ୟାହ୍ନରେ କୌଣସି କାରଣ ନେଇ ସୋମେଶ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଦୀର୍ଘ ସମୟ ଧରି ସୋମେଶଙ୍କ ଅନୁପସ୍ଥିତ ଦେଖି ପରିବାର ଲୋକେ ଖୋଜାଖୋଜି କରିଥିଲେ। ସନ୍ଧ୍ୟାରେ ପାଠପଢ଼ା ରୁମରେ ସୋମେଶ ଫ୍ୟାନରେ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ଯୌତୁକ ଦାବିରେ ମହିଳାଙ୍କୁ ହତ୍ୟା, ସ୍ୱାମୀ ଗିରଫ

**ବାଣପୁର,୫।୨(ଡି.ଏନ୍.ଏ.)**

ବାଣପୁର ଥାନା ଅନ୍ତର୍ଗତ ସଲପଡ଼ି ଗ୍ରାମରେ ଅଧିକ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ମୃତା ହେଲେ ଏହି ଗ୍ରାମର ସେକ୍ ଅମିରଙ୍କ ସ୍ତ୍ରୀ କରିସ୍ମା। ଏନେଇ ଶନିବାର ମୃତାଙ୍କ ଭାଇ ଅନ୍‌ସାର ଅଲ୍ଲିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ସ୍ୱାମୀ ଅମିରଙ୍କୁ ଗିରଫ କରିଛି। ଅଭିଯୋଗ ମୁତାବକ, ତିନି ବର୍ଷ ପୂର୍ବେ ଅମିରଙ୍କ ସହ ଟାଙ୍ଗୀ ଥାନା ମୂଳିଝର ଗ୍ରାମର କରିସ୍ମାଙ୍କ ବିବାହ ହୋଇଥିଲା। ବିବାହ ବେଳେ ଦାବି ମୁତାବକ ୧ଲକ୍ଷ ଟଙ୍କା, ସ୍ୱର୍ଣ୍ଣ ଅଳଙ୍କାର ଓ ଆସବାବପତ୍ର ଦିଆଯାଇଥିଲା। ବିବାହର ବର୍ଷେ ପରେ କରିସ୍ମା ଏକ ଝିଅ ଜନ୍ମ ଦେଇଥିଲେ। ଝିଅ ଜନ୍ମ କରିଥିବାରୁ ତା'ର ଭରଣପୋଷଣ ପାଇଁ ବାପଘରୁ ଯୌତୁକ ବାବଦକୁ ଅଧିକ ୧ଲକ୍ଷ ଟଙ୍କା ଆଣିବା ପାଇଁ ସ୍ୱାମୀ ଅମିରଙ୍କ ସମେତ ଶାଶୁଘର ଲୋକେ କହିଥିଲେ। କରିସ୍ମା ଏଥିରେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଗତ ୩୧ ତାରିଖରେ ଶାଶୁଘର ଲୋକେ କରିସ୍ମାଙ୍କୁ ଘରୁ ବାହାର କରିଦେଇଥିଲେ। ତିନି ମାସ ମଧ୍ୟରେ ୧ଲକ୍ଷ ଟଙ୍କା ଦେବା ପାଇଁ କରିସ୍ମାଙ୍କ ବାପଘର ପ୍ରତିଶ୍ରୁତି ଦେବା ସହ ମଙ୍ଗଳବାର କରିସ୍ମାଙ୍କୁ ଶାଶୁଘରକୁ ପଠାଇଲେ। ବୁଧବାର ସକାଳେ ହଠାତ୍ କରିସ୍ମା ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲ ଓ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ କରିସ୍ମାଙ୍କ ମୃତ୍ୟୁ ହୋଇଥିଲା। ଖାଦ୍ୟରେ ବିଷ ଦେଇ ଶାଶୁଘର ଲୋକେ କରିସ୍ମାଙ୍କୁ ମାରିଦେଇଛନ୍ତି ବୋଲି ଅନ୍‌ସାର ବାଣପୁର ଥାନାରେ ଅଭିଯୋଗ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୬ ଫେବୃୟାରୀ, ୨୦୨୨



## ସଂକ୍ଷେପରେ

### ଗୁରୁଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଖଣ୍ଡପଡ଼ା,୫।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତର ଅକୁରାବନ୍ଧ ଶାନ୍ତି କୁଟୀରରେ ଶନିବାର ଶ୍ରୀପଞ୍ଚମୀ ତିଥିରେ ଶ୍ରୀଗୁରୁଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ କୋଭିଡ୍ କଟକଣାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରାତଃ ୬ଟାରେ ଅଖଣ୍ଡ ଶ୍ରୀଗୁରୁ ନାମଯଜ୍ଞ, ପୂର୍ବାହ୍ନ ସାଢେ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘୃତଯଜ୍ଞ ଓ ନାମ ସଂକୀର୍ତ୍ତନ ହୋଇଥିଲା ।

### ତେଲଙ୍ଗାନାରେ ଓଡ଼ିଆ ଦାଦନ ଶ୍ରମିକ ମୃତ

**ପାତ୍ରପୁର,୫।୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ଜରଡ଼ା ଗୌଡ଼ ସାହିର ପୂର୍ଣ୍ଣଚନ୍ଦ୍ର ଗୌଡ଼ (୫୧) ତେଲଙ୍ଗାନାରେ ଶୁକ୍ରବାର ମୃତ୍ୟୁବରଣ କରିଛନ୍ତି। ପୂର୍ଣ୍ଣ ତେଲଙ୍ଗାନାର ନାଲକଣ୍ଡା ଜିଲା ବିଷ୍ଣୁପୁରମ୍ ଗ୍ରାମର ଏକ କମ୍ପାନୀରେ କାମ କରୁଥିଲେ। ଶୁକ୍ରବାର ସନ୍ଦେହଜନକ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଶରୀରକୁ କମ୍ପାନୀ ଏକ ଆମ୍ବୁଲାନ୍ସ ଯୋଗେ ଶନିବାର ଜରଡ଼ା ଆଣିଥିବା ବେଳେ ଗ୍ରାମରେ ଉତ୍ତେଜନା ଦେଖାଯାଇଥିଲା। ପରେ କମ୍ପାନୀର ପ୍ରେରିତ ଠିକାଦାର ଆର୍ଥିକ ସହାୟତା ପାଇଁ ପ୍ରତିଶ୍ରୁତି ଦେବାପରେ ମୃତଦେହ ସତ୍କାର କରାଯାଇଥିଲା।

### କରୋନାରେ ଛାତ୍ରୀଙ୍କ ମୃତ୍ୟୁ

**ଦାରିଙ୍ଗବାଡ଼ି,୫।୨(ଡି.ଏନ୍.ଏ.):** ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶନିବାର କରୋନାରେ ଜଣଙ୍କର ମୃତ୍ୟୁ ହୋଇଛି । ଏହା ତୃତୀୟ ଲହରର ପ୍ରଥମ । ମୃତକ ଦଶମ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡ଼ିଛି। ସେ ଗତ କିଛି ଦିନ ହେଲା ରକ୍ତହୀନତା ସହିତ ଏକାଧିକ ରୋଗରେ ଆକ୍ରାନ୍ତ ହେବା ସହ କରୋନାରେ ପୀଡ଼ିତ ଥିଲେ। ତାଙ୍କୁ ପ୍ରଥମେ ଦାରିଙ୍ଗବାଡ଼ି ଏବଂ ପରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀନରେ ରହିଥିବା କୋଭିଡ କେୟାରରେ ଚିକିତ୍ସା କରାଯାଉଥିଲା। ତାଙ୍କ ମୃତ୍ୟୁ ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ କୋଭିଡ ଗାଇଡ୍‌ଲାଇନ ଅନୁସାରେ ଦାରିଙ୍ଗବାଡ଼ି ଅଣାଯାଇ ସ୍ଥାନୀୟ ବିଡିଓ ଗଦାଧର ପାତ୍ର, ତହସିଲଦାର ଚାର୍ଲସ ନାୟକ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ପୋଲିସ ଏବଂ ମୃତକଙ୍କ ପରିବାର ଉପସ୍ଥିତିରେ ମଶାଣିରେ ଶେଷକୃତ୍ୟ କରାଯାଇଛି ।

### ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ: ପରିବାରକୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଆସିକା,୫।୨(ଡି.ଏନ.ଏ):** ଆସିକା ଥାନା ଇଲାକାରେ ଜଣେ କଲେଜ ପଢୁଆ ନାବାଳିକାଙ୍କୁ ରିତିମତ ଅଶ୍ଳୀଳ ଇଙ୍ଗିତ ଦେବା ଓ ଏହାର ପ୍ରତିବାଦ କରିବାରୁ ନାବାଳିକାଙ୍କ ମା'ଓ ଭାଇଙ୍କୁ ଛୁରାରେ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଆସିକା ଥାନା ଇଲାକାର ରାଜେନ୍ଦ୍ର ସାହୁ। ନାବାଳିକାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୬୯/୨୨ରେ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଶନିବାର ବ୍ରହ୍ମପୁରସ୍ଥିତ ପୋକ୍‌ସୋ ଅଦାଲତରେ ହାଜର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଯୁକ୍ତ୨ ଶ୍ରେଣୀରେ ଅଧ୍ୟୟନରତ ନାବାଳିକାଙ୍କ ରିତିମତ କଲେଜ ଓ ଟିଉସନ ଯିବା ସମୟରେ ଅଭିଯୁକ୍ତ ଜଣକ ପିଛା କରି ଅଶ୍ଳୀଳ ଇଙ୍ଗିତ କରୁଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୁକ୍ତଙ୍କ ପରିବାରକୁ ଜଣାଯାଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ନାବାଳିକାଙ୍କ ମା' ଓ ଭାଇଙ୍କୁ ଛୁରାରେ ଆକ୍ରମଣ କରିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡମେଡିକାଲରେ ଭର୍ତ୍ତି କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ନିର୍ଯାତନା ମାମଲାରେ ସ୍ୱାମୀ ଗିରଫ

**ଆସିକା,୫।୨(ଡି.ଏନ.ଏ):** ଆସିକା ଥାନା ଝଗଡେଇ ଗ୍ରାମରୁ ପୋଲିସ ଶନିବାର ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଛି । ସେ ହେଲେ ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନ। ଏ ନେଇ ଆସିକା ଥାନାରେ ନଂ. ୬୭/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହ କହିଛନ୍ତି। ବୁଗୁଡା ଥାନା ଅଞ୍ଚଳରେ ପୂର୍ଣ୍ଣଚନ୍ଦ୍ରଙ୍କ ୨୦୧୫ରେ ବିବାହ ହୋଇଥିଲା। ବିବାହ ସମୟରେ ମହିଳାଙ୍କ ବାପ ଘର ପକ୍ଷରୁ ଜାନିଯୌତୁକ ଦିଆଯାଇଥିଲା। ଅଭିଯୁକ୍ତ ସ୍ୱାମୀ ବାହାରେ ଚାକିରି କରୁଥିଲା ବେଳେ ମହିଳା ଜଣକ ଶିକ୍ଷକତା କରୁଥିବାରୁ ଶାଶୁଘରେ ରହୁଥିଲେ। ଏତଦ୍ ପରିସ୍ଥିତିରେ ଶାଶୁଘର ପକ୍ଷରୁ ରିତିମତ ନିର୍ଯ୍ୟାତନା ଦିଆଯାଉଥିବା ସହ ତାଙ୍କର ଦରମା ଟଙ୍କା ମଧ ନେଇଯାଉଥିଲେ। ଗତ କିଛିଦିନ ପୂର୍ବେ ମହିଳାଙ୍କ ସ୍ୱାମୀ ତାଙ୍କୁ ବ୍ୟାଙ୍କ ଖାତା ମାଗି ମାରପିଟ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

# ପ୍ରତାରଣା ପ୍ରସଙ୍ଗ ଉଠାଉଛନ୍ତି ଭୋଟର

**ନୟାଗଡ଼ ଅଫିସ/ନୂଆଗାଁ, ୫।୨(ଡି.ଏନ୍.ଏ.)**

ପଞ୍ଚାୟତ ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ରାଜନୈତିକ ଦଳର ପ୍ରଚାର ବଢ଼ିବାରେ ଲାଗିଛି। ପ୍ରାର୍ଥୀମାନେ ଭୋଟରଙ୍କ ନିକଟତର ହୋଇ ଭୋଟ ମାଗିବାକୁ ଉଦ୍ୟମ ଜାରି ରଖିଛନ୍ତି । ତେବେ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇ ବିଭିନ୍ନ ନିର୍ବାଚନରେ ବିଜୟୀ ହୋଇଥିବା ପ୍ରାର୍ଥୀଙ୍କ ପ୍ରତାରଣା ଏବେ ଗାଁ ଗହଳିରେ ଉଠୁଛି । ପୁଣି ଦଶପଲ୍ଲା ବିଧାୟକ ରମେଶ ବେହେରା ପ୍ରତିଶ୍ରୁତି ଦେଇ ବିଧାୟକ ଭାବେ ବିଜୟୀ ହେବା ପରେ ଗାଁ ଗହଳିର ସମସ୍ୟାକୁ ଭୁଲି ଯିବା ପ୍ରସଙ୍ଗକୁ ଭୋଟରମାନେ ମନେପକାଇଛନ୍ତି । ଭୋଟରଙ୍କ ପ୍ରଶ୍ନବାଣରେ ବିଚଳିତ ହୋଉଛନ୍ତି ପ୍ରାର୍ଥୀ। ଅନ୍ୟପକ୍ଷେ ଭୋଟରଙ୍କ ପ୍ରଶ୍ନବାଣରେ ଘାଇଲା ଶାସକ ଦଳର କେତେଜଣ କର୍ମୀ, ସମର୍ଥକ ଉତ୍ତେଜିତ ହୋଇ ଭତ୍ତା, ରାଶନ କାର୍ଡ କାଟି ଦେବାର ଧମକ ଦେଉଥିବା ଅଭିଯୋଗ ସାମ୍ନାକୁ ଆସିଛି।

ନୂଆଗାଁ ବ୍ଲକ ୧୬ନଂ. ଜୋନ୍‌ରେ ରହିଛି ବେରୁଆଁବାରି, ଜାକେଡ଼ା, କାପ୍ତାପଲ୍ଲୀ, କୋରଡ଼ା, ବାହାଡ଼ାଝୋଲା, ସିଙ୍ଗାରପଲ୍ଲୀ, ପାରାଡ଼ିପି, ସିକ୍ରିଡ଼ା, ହରିପୁର, ଗୁମି, ସୋରଡ଼ା ଆଦି ପଞ୍ଚାୟତ। ଉକ୍ତ ଜୋନ୍‌ରେ ସନ୍ଧ୍ୟାରାଣୀ ସେଠୀ (ଭାଜପା), ରଜନୀ ଦାସ (କଂଗ୍ରେସ), ଯସ୍ମିନୀ ଦାସ (ବିଜେଡି) ଓ ରୀତା ନାୟକ (ବହୁଜନ ସମାଜ ପାର୍ଟି) ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ବିଜେଡି ଓ ଭାଜପା ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ହେଲେ ଶାସକ ଦଳ ଭିତରେ ଚାଲିଥିବା ଆତ୍ମଘାତୀ କାର୍ଯ୍ୟ ଘାତକ ହୋଇପାରେ ବୋଲି ପାନ ଦୋକାନଠାରୁ ଆରମ୍ଭ କରି ସେଲୁନ୍‌ରେ ଚର୍ଚ୍ଚା ଚାଲିଛି। ଶାସକ ଦଳର ଅନେକ ଆଶାୟୀ ଜିଲା ପରିଷଦ, ସରପଞ୍ଚ ଓ ସମିତି ସଭ୍ୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ହେଲେ ବିଧାୟକ ନୂଆ ମୁହଁଙ୍କୁ ପ୍ରାର୍ଥୀ କରିବା ପରେ ବିରୋଧାଭାସ ବଢ଼ିଛି । ଆଶାୟୀମାନେ ଦଳ ଭିତରେ ରହି ଦଳୀୟ ଓ ସମର୍ଥକ ପ୍ରାର୍ଥୀ କିପରି ପରାସ୍ତ ହେବେ ସେ ନେଇ ରଣନୀତି ପ୍ରସ୍ତୁତ କରୁଛନ୍ତି। କେତେଜଣ ଅସନ୍ତୁଷ୍ଟ ଭୋଟର ମଧ ସେମାନଙ୍କ ଇସାରାରେ ଶାସକ ଦଳର ଭୋଟକୁ ଭାଗ ଭାଗ କରି ଚାଲିଛନ୍ତି । ପରିସ୍ଥିତି ଏପରି ହେଲାଣି ବିଭିନ୍ନ ଗାଁରେ ଲୋକମାନେ ବିଧାୟକ ଓ ପ୍ରାର୍ଥୀଙ୍କୁ ବିରୋଧ କରୁଛନ୍ତି । ଶାସକ ଦଳ ପକ୍ଷରୁ ସଙ୍ଗଠନକୁ ଦୃଢ଼ୀଭୂତ କରା ନ ଗଲେ ଦୁର୍ଗ ରକ୍ଷା କରିବାରେ ଦଳ ସମର୍ଥ ହେବ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି । ଅନ୍ୟପକ୍ଷେ ଗୁମି, କାପ୍ତାପଲ୍ଲୀ, ଜାକେଡ଼ା ପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରାସ୍ତା ଓ ପାନୀୟ ଜଳ ସମସ୍ୟା ଲାଗି ରହିଛି । ହେଲେ କ୍ଷମତାସୀନ ଦଳ ଏହାକୁ ଅଣଦେଖା କରି ଆସୁଛି । ଜାକେଡ଼ା ପଞ୍ଚାୟତର ସାନଜିରି ଓ ବଡ଼ଜିରି, ତାକଡ଼ାରେ ପାନୀୟ ଜଳ, ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବହୁ ପୁରୁଣା । କାପ୍ତାପଲ୍ଲୀ ପଞ୍ଚାୟତର ବଡ଼ତାମନାଜୁ ଗାଁ ବର୍ଷାଋତୁରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼େ। ପାହାଡ଼ ତଳେ ଗାଁ ଥିବାରୁ ଉପରୁ ଆସୁଥିବା ଜଳ ନିଷ୍କାସନ ହୋଇ ନ ପାରି ବନ୍ୟା ପରିସ୍ଥିତି ସୃଷ୍ଟି କରେ। ହେଲେ ସରକାର ଓ ପ୍ରଶାସନର ପଦକ୍ଷେପ ନାହିଁ । ଏହି ପଞ୍ଚାୟତର ଡେଙ୍ଗାବାରି, ଭଣ୍ଡାରୀବାରି ଗାଁ ରାସ୍ତା ପାଇଁ ବିଭିନ୍ନ ସମୟରେ ଅନୁଦାନ ଆସୁଛି। ଠିକ୍‌ରେ କାମ ହେଉ ନ ଥିବାରୁ ରାସ୍ତାର ରୂପରେଖ ବଦଳୁନାହିଁ । ମାଟି ରାସ୍ତାରେ ବର୍ଷା ଋତୁରେ ଯିବା ଆସିବା କାଠିକର ପାଠ। ସେହିପରି ଏହି ଜୋନ୍‌ରେ ଅନେକ ଗାଁର ବହୁ ସମସ୍ୟା ରହିଛି । ହେଲେ ସମାଧାନ ନ ଥିବାରୁ ସେଠାର ଭୋଟର ଭୋଟ ଦେବାକୁ ଅନାଗ୍ରହ ପ୍ରକାଶ କରିଲେଣି । ଭୋଟ ବର୍ଜନ ନିଷ୍ପତ୍ତି ନେଇ ନ ଥିଲେ ମଧ ବହୁ ଭୋଟର ଭୋଟ ଦେବାକୁ ଯିବେ ନାହିଁ ବୋଲି କହିଛନ୍ତି ।

**ନୂଆଗାଁ ବ୍ଲକ୍ ୧୬ନଂ. ଜୋନ୍**



- ଆତ୍ମଘାତୀ କାର୍ଯ୍ୟ ହୋଇପାରେ ଘାତକ
- ବିଜେଡି କନ୍ଦଳ ତୁଟୁ ନ ଥିବାରୁ ଅଡୁଆ

## ନୀଳମାଧବଙ୍କ ଜାମାଲାଗି ବେଶ ଆରମ୍ଭ



ନୀଳମାଧବ ଜୀଉଙ୍କ ଜାମାଲାଗି ବେଶ ।

**ଖଣ୍ଡପଡ଼ା,୫।୨(ସ୍ୱ.ପ୍ର.)**

ପବିତ୍ର ବସନ୍ତ ପଞ୍ଚମୀ ତିଥି ଶନିବାରଠାରୁ ଶ୍ରୀନୀଳ ମାଧବଜୀଉଙ୍କ ଜାମାଲାଗି ବେଶ ଆରମ୍ଭ ହୋଇଛି । ସେହିପରି ଠାକୁରଙ୍କ ବାହ୍ୟ ଯାତ୍ରାର ଶୁଭାରମ୍ଭ ହୋଇଥିବା ଦେବୋତ୍ତର କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ବସନ୍ତ ଋତୁ ଆରମ୍ଭରୁ ଶ୍ରୀଜୀଉଙ୍କ ବସନ୍ତ ଉତ୍ସବ ମଧ ଆରମ୍ଭ ହୋଇଛି। ଏହି ଅବସରରେ ଠାକୁରଙ୍କ ସନ୍ଧ୍ୟା ଆଳତି ପରେ ଜାମାଲାଗି ହୋଇ ପରମ୍ପରା ଅନୁଯାୟୀ ନୀଳମାଧବ ଜୀଉଙ୍କ ଦୟଣାଚୋରୀ ବଗିଚାକୁ ବିଜେ ହୋଇଥିଲେ । ଠାକୁରଙ୍କ ଏହି ଉତ୍ସବ ଆସନ୍ତା ଦୋଳ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚାଲୁ ରହିବ । ସୂଚନାଯୋଗ୍ୟ, ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଶ୍ରୀଜୀଉ ଗତ ଓଢ଼ଣ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଓଢ଼ଣ ଲାଗି ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ ।

## ଭଡ଼ା ରହି ମାଲିକଙ୍କ ଘରୁ ଚୋରି

**୨ ଅଭିଯୁକ୍ତ ଜେଲ୍ ଗଲେ**

**ଖଣ୍ଡପଡ଼ା,୫।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ପଞ୍ଚାୟତ କୃଷ୍ଣେଶ୍ୱରପାଟଣା ଗ୍ରାମର ସୁକାନ୍ତି ସ୍ୱାଇଁଙ୍କ ଘର ତାଲା ଭାଙ୍ଗି ତାଙ୍କ ଆଲମିରାରେ ଥିବା ସୁନା ଅଳଙ୍କାର ସମେତ ଘରେ ଥିବା ପିତଳ ବାସନ ଚୋରି ହୋଇଥିଲା । ଏହି ଘଟଣାରେ ପୋଲିସ କଣ୍ଟିଲୋର ସନ୍ତୋଷ କୁମାର ସାହୁ ଓ ମାନସ ମହାରଣାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି ବୋଲି କଣ୍ଟିଲୋ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ କହିଛନ୍ତି । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି ।



ଗିରଫ ଦୁଇ ଅଭିଯୁକ୍ତ ।

ସୂଚନା ଅନୁଯାୟୀ, ସୁକାନ୍ତୀଙ୍କ ଘରେ ମାନସ ଘର ଭଡ଼ା ନେଇ ରହୁଥିଲେ । କୌଣସି କାମରେ ସୁକାନ୍ତୀ କିଛିଦିନ ପାଇଁ ବାହାରକୁ ଯାଇଥିଲେ । ଗତ ୨ତାରିଖ ଦିନ ସେ ଘରକୁ ଫେରିଥିଲେ। ହେଲେ ତାଙ୍କ ଘର ତାଲା ଭାଙ୍ଗି କେହି ଚୋରି କରିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୯/୨୨) ରୁଜୁ କରି ତଦନ୍ତ କରିବା ପରେ ସନ୍ତୋଷ ଓ ମାନସ ଧରାପଡିଥିଲେ ।

## ସ୍କୁଲକୁ ଆସିଥିବା ଟିଭି, ଟେପ୍ ରେକର୍ଡର ପତ୍ତା ମିଳୁନି ମିଳୁନି

**ଖଣ୍ଡପଡ଼ା,୫।୨(ସ୍ୱ.ପ୍ର.)**

ସରକାରଙ୍କ ଯୋଜନା କେତେବେଳେ କେଉଁଠି ହଜିଯାଏ ତା'ର କିଛି ଠିକ୍ ଠିକଣା ନ ଥାଏ । ସରକାର ବଦଳିବା ପରେ ଅଧିକାଂଶ ସରକାରୀ ଯୋଜନାର ରୂପରେଖ ବଦଳି ଯାଏ । ସେମିତି ଏକ ଯୋଜନା ଥିଲା କଳାପଟା ଅଭିଯାନ । ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ଲାଗି ୨୦୦୩ରେ କଳାପଟା ଅଭିଯାନରେ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ବିଦ୍ୟାଳୟକୁ ରଙ୍ଗିନ ଟିଭି ଓ ଟେପ ରେକର୍ଡର ଯୋଗାଇ ଦିଆଯାଇଥିଲା। ଏହି ଯୋଜନାରେ ନୟାଗଡ଼ ଜିଲାର ପ୍ରାୟ ସମସ୍ତ ସ୍କୁଲକୁ ଉପରୋକ୍ତ ସାମଗ୍ରୀ ମିଳିଥିଲା । ଏବେ ସେହି ସାମଗ୍ରୀ ଆଉ ସ୍କୁଲରେ ନାହିଁ। ବିଦ୍ୟାଳୟର ପ୍ରଧାନଶିକ୍ଷକ କିମ୍ବା ବିଦ୍ୟାଳୟ ପରିଚାଳନା କମିଟିର ପ୍ରଭାବଶାଳୀ କର୍ମକର୍ତ୍ତାମାନଙ୍କ ଘରେ ସେହି ଟିଭି ଟେପ୍‌ରେକର୍ଡର ବ୍ୟବହାର ହେଉଥିବା ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଏ ନେଇ ପ୍ରଶ୍ନ କରିବାରୁ ନିଜ ନାମ ଗୋପନ ରଖି କହିଛନ୍ତି, ସେ ସବୁ ସାମଗ୍ରୀ କେଉଁଠି ଅଛି ଆମେ ଜାଣିନାହୁଁ ବୋଲି ସୂଚନା ଦେଉଛନ୍ତି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି ।

## ନିରାଡ଼ମ୍ବରରେ ସରିଲା ସରସ୍ୱତୀ ପୂଜା

**ଖଣ୍ଡପଡ଼ା,୫।୨(ସ୍ୱ.ପ୍ର.)**

କଣ୍ଟିଲୋ, ଖଣ୍ଡପଡ଼ାରେ ଦେବୀ ସରସ୍ୱତୀଙ୍କ ପୂଜା ଶନିବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ସହରାଞ୍ଚଳ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ,ବାଳିକା ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସାମନ୍ତ ଚନ୍ଦ୍ର ଶେଖର ଶିକ୍ଷା କେନ୍ଦ୍ର, ମଧୁବନ ନୋଡ଼ାଲ ବିଦ୍ୟାଳୟ, ଟାଉନ ବାଳିକା ପ୍ରାଇମେରୀ ବିଦ୍ୟାଳୟ, କଣ୍ଟିଲୋ କୁଞ୍ଜ ବିହାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ନୀଳମାଧବ ନୋଡାଲ ହାଇସ୍କୁଲ, ନୀଳମାଧବ ମହାବିଦ୍ୟାଳୟ ସହିତ ଖଳିସାହି, ବେଣାଗାଡ଼ିଆ, ସିଧାମୂଳା ତଥା ବିଭିନ୍ନ ସ୍ଥାନରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନରେ ଶନିବାର ସରସ୍ୱତୀଙ୍କ ପୂଜା କୋଭିଡ୍ କଟକଣା ଯୋଗୁ ନିରାଡ଼ମ୍ବର ଭାବେ ଅନୁଷ୍ଠିତ ହୋଇଥିଲା। କେବଳ ଶିକ୍ଷାନୁଷ୍ଠାନ କର୍ମଚାରୀମାନଙ୍କ ଦ୍ୱାରା ଏହି ପୂଜାର ଆୟୋଜନ କରିଥିଲେ। ଅଳ୍ପସଂଖ୍ୟକ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଖଣ୍ଡପଡ଼ା ସାମନ୍ତ ଛକରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୨୦୧୪ ମାଟ୍ରିକ ବ୍ୟାଚ୍ ସହପାଠୀମାନଙ୍କ ଦ୍ୱାରା ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଭିଭାବକମାନେ ପିଲାମାନଙ୍କ ଖଡ଼ିଛୁଆଁ କରି ଦେବୀ ସରସ୍ୱତୀଙ୍କ ଆଶିଷ କାମନା କରିଥିଲେ ।



ଖଣ୍ଡପଡ଼ାରେ ପୂଜା ପାଉଥିବା ଦେବୀ ସରସ୍ୱତୀଙ୍କ ମୃଣ୍ମୟୀ ପ୍ରତିମା ।

## ବିଳମ୍ବରେ ମାମଲା ରୁଜୁ କଲା ପୋଲିସ

**ନୟାଗଡ଼ ଶିଶୁ ବିକ୍ରି ଘଟଣା**

- ସନ୍ଦେହ ବଢୁଛି
- କଂଗ୍ରେସର ଆନ୍ଦୋଳନ ଚେତାବନୀ

**ନୟାଗଡ଼ ଅଫିସ,୫।୨**

ଗତ ୨୮ ତାରିଖରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଚୋରି ଶିଶୁପୁତ୍ରକୁ ନୟାଗଡ଼ ଟାଉନ ଥାନା ପୋଲିସ ଗୁରୁବାର ରାତିରେ ଉଦ୍ଧାର କରିଥିଲା । ତେବେ ଏହି ଘଟଣା ପଛର କାହାଣୀ ପୋଲିସ ପର୍ଦ୍ଦାଫାସ କରୁ ନ ଥିବାରୁ ଶିଶୁବିକ୍ରିକୁ ନେଇ ସନ୍ଦେହ ବଢ଼ିଛି । ଶିଶୁ ପୁତ୍ର ଚୋରି ଘଟଣାରେ ଆଇନଗତ ପଦକ୍ଷେପ ନେବାରେ ପୋଲିସ ଓ ଜିଲା ପ୍ରଶାସନ ନୀରବ ରହୁଥିବାରୁ ନାନା ପ୍ରଶ୍ନ ଉଠିଛି । ଏତେବଡ଼ ସମ୍ବେଦନଶୀଳ ଘଟଣା ସଂକ୍ରାନ୍ତରେ ଅଭିଯୋଗ ହେବାର ୩ଦିନ ପରେ ପୋଲିସ ମାମଲା ରୁଜୁ କରି ନ ଥିଲା । ବାରମ୍ବାର ଗଣମାଧ୍ୟମରେ ଶିଶୁ ବିକ୍ରି ଖବର ଆସିବା ପରେ ନୟାଗଡ଼ ଟାଉନ ଥାନା ପୋଲିସ ମାମଲା ରୁଜୁ କରିଛି । ଏଭଳିସ୍ଥଳେ ୨୪ ଘଣ୍ଟା ଭିତରେ ଶିଶୁ ବିକ୍ରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଯଦି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ନୟାଗଡ଼ ଟାଉନ ଥାନା ସମ୍ମୁଖରେ ୧ ଘଣ୍ଟିଆ ଧାରଣା ଦିଆଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି ।

ଅଭିଯୋଗ ଅନୁଯାୟୀ, ଗତ ୨୮ ତାରିଖରେ ଇଟାମାଟି ଥାନା ନୋଉର ଗାଁର ରବୀନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ଜଲି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ । । ଶିଶୁ ଜନ୍ମ ପରେ ସେଠାରେ ଉପସ୍ଥିତ ଥିବା ଜଣେ ନର୍ସ ଟିକା ଦେବା ଆଳରେ ପିଲାଟିକୁ ନେଇ ଫେରାଇ ହୋଇଯାଇଥିଲେ । ଛୁଆ ବିକ୍ରି ନେଇ ଜଲି ଓ ରବୀନ୍ଦ୍ର ଗତ ୨ ତାରିଖରେ ଅଭିଯୋଗ କରିବା ପରେ ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ତତ୍ପରତା ପ୍ରକାଶ କରିଥିଲା । ହେଲେ ଶିଶୁପୁତ୍ର ଉଦ୍ଧାର ପରେ ଏହି ପ୍ରସଙ୍ଗକୁ ପୋଲିସ ଶୀତଳ ଭଣ୍ଡାରକୁ ଫେପାଡ଼ି ଦେଇଛି । ପଞ୍ଚାୟତ ନିର୍ବାଚନ ସମୟରେ ଛୁଆ ବିକ୍ରି ପ୍ରସଙ୍ଗ ରାଜନୀତିକୁ ଖୋରାକ ଯୋଗାଇବ ବୋଲି ସାଧାରଣରେ ଆଲୋଚନା ଚାଲିଛି । ଛୁଆ ବିକ୍ରି ନେଇ ଆଇନଗତ ପଦକ୍ଷେପ ନିଆ ଯାଉ ନ ଥିବାରୁ କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ କହିଛନ୍ତି, ଶିଶୁପୁତ୍ର ବିକ୍ରି ଘଟଣାରେ ମାମଲା ରୁଜୁ କରିବାରେ ପୋଲିସର ପଛଘୁଞ୍ଚା ବଡବଡିଆ ଲୋକଙ୍କୁ ଖସାଇବା ପାଇଁ ଉଦ୍ୟମ ବୋଲି ସୂଚାଉଛି । ଏନେଇ ସବୁ ଜାଣି ଏସ୍‌ପି ଚୁପ୍ ରହିବା ଜିଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସ୍ପଷ୍ଟ କରିଛି । ନୟାଗଡ଼ ନିର୍ବାଚନମଣ୍ଡଳୀରେ ଏଭଳି ଘଟଣା ଖରାପ ବାର୍ତ୍ତା ଦେଲାଣି। ସେହିପରି ଜିଲାପାଳ ମଧ ଏ ଦିଗରେ ମୁହଁ ଖୋଲୁ ନାହାନ୍ତି । ପ୍ରଶ୍ନ ଉଠୁଛି ଶିଶୁକୁ କାହାଠାରୁ ଏବଂ କେଉଁଠାରୁ ଉଦ୍ଧାର କରାଗଲା । ଯେଉଁ ବ୍ୟକ୍ତିଙ୍କଠାରୁ ଶିଶୁପୁତ୍ର ଉଦ୍ଧାର କରାଗଲା ତାଙ୍କୁ ଗିରଫ କରାଯାଇନାହିଁ । ସେ ଶିଶୁପୁତ୍ରକୁ କେତେ ଟଙ୍କାରେ କିଣିଥିଲେ ଅଥବା କେଉଁଠୁ ଆଣିଥିଲେ ସେନେଇ ଜାମନବନ୍ଦୀ ଲିପିବଦ୍ଧ ହେବା ଦରକାର । ଶିଶୁ ବିକ୍ରି ଘଟଣା ପରେ ଯେଉଁ ତଦନ୍ତ ପୋଲିସ କରୁଛି ତାର ଭିଡିଓ ରେକର୍ଡିଂ ରଖାଯିବା ଉପରେ ସାଧାରଣରେ ମତ ପ୍ରକାଶ ପାଇଛି । ଏଣୁ ଆମେ ଆନ୍ଦୋଳନ କରିବାକୁ ପ୍ରଶାସନକୁ ଅବଗତ କରାଇ ସାରିଛୁ । ନୟାଗଡ଼ର ଆଇନଜିବୀ ଅମୀୟ ପଟ୍ଟନାୟକ କୁହନ୍ତି, ଶିଶୁ ବିକ୍ରି ଘଟଣା ନିନ୍ଦନୀୟ । ପୋଲିସ ଏ ଦିଗରେ ମାମଲା ରୁଜୁ କରିବାରେ ପଛଘୁଞ୍ଚା ଓ ବିଳମ୍ବ କରିବା ଚାପ,ଅସହାୟତାକୁ ସୂଚାଉଛି । ଯାହାକି ସମାଜକୁ ଖରାପ ବାର୍ତ୍ତା ଦେଉଛି । ଏଣୁ ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯାଉ ବୋଲି ସେ କହିଛନ୍ତି । ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦୁ ସିଂ କୁହନ୍ତି, ଶିଶୁ ବିକ୍ରି ଘଟଣାରେ ନୟାଗଡ଼ ଟାଉନ ଥାନାରେ ଏକ ମାମଲା(ନଂ.୧୫/୨୨) ରୁଜୁ ହୋଇଛି । ଶିଶୁକୁ ଭୁବନେଶ୍ୱରରୁ ଉଦ୍ଧାର କରାଯାଇଥିଲା ବୋଲି ସୂଚନା ମିଳିଛି । ହେଲେ ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ କହିବାକୁ ପୋଲିସ ଡରୁଥିବାରୁ ଏହି ଘଟଣା ରହସ୍ୟ ଘେରରେ ରହିଛି ।

## ବିଜେଡିର ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

**ଆର.ଉଦୟଗିରି, ୫।୨(ଡି.ଏନ.ଏ.)**

ବିଜେଡିର ଏକ ବୈଠକକୁ ନେଇ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ କରିଛି ଭାଜପା। ଗଜପତି ଜିଲା ମୋହନା ବ୍ଲକ କରଚାବାଡି ପଞ୍ଚାୟତ କାର୍ଯ୍ୟାଳୟରେ ମୋହନା ୯ନମ୍ବର ଜୋନ୍‌ର ବିଜେଡିର ଜିଲା ପରିଷଦ ପ୍ରାର୍ଥୀ ଚନ୍ଦ୍ରକାନ୍ତ ମଳିକ ଏବଂ ତାଙ୍କ ସହଯୋଗୀ ଦଣ୍ଡାସୀ ସାହୁ, ଜିଲା ପ୍ରଭାରୀ ଜଗଦୀଶ ରାଓ ଓ ଦଳୀୟ କର୍ମୀ ଏକ ଦଳୀୟ ବୈଠକ କରିଥିଲେ ; ଯାହା କି ବିଜେଡି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଛି ବୋଲି ଅଭିଯୋଗ ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କଠାରେ ହୋଇଛି। କରଚାବାଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ସୋମେଶ୍ୱର ପରିଚ୍ଛାଙ୍କ ଅଜାଣତରେ ପିଅନ ମନୋରଞ୍ଜନ ନାୟକଙ୍କ ଉପସ୍ଥିତିରେ ତାଲା ଖୋଲି କିପରି ଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା ବୋଲି ଭାଜପା ପ୍ରଶ୍ନ କରିଛି। ତେଣୁ ଏହାର ତୁରନ୍ତ ତଦନ୍ତ କରି ପିଅନ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଚନ୍ଦ୍ରକାନ୍ତ ମଳିକ ଓ ସହଯୋଗୀଙ୍କ ଉପରେ ଓଡ଼ିଶା ନିର୍ବାଚନ କମିଶନରଙ୍କ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବା ପାଇଁ ମୋହନା ବ୍ଲକ ଭାଜପା କାର୍ଯ୍ୟକର୍ତ୍ତା ମନୋଜ କୁମାର ସାହୁ, ସୁଧୀର ପାଇକ, ସତ୍ୟ ଦଣ୍ଡସେନା, ପ୍ରଭାତ କୁମାର ପାତ୍ର ପ୍ରମୁଖ ଅନୁରୋଧ କରିଛନ୍ତି।



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

## ଖତ ଖାଉଛି ସୋଲାର ଶୁଖୁଆ ପ୍ଲାଣ୍ଟ

**ଛତ୍ରପୁର,୫।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାର ବିଶେଷ କରି ସମୁଦ୍ରକୂଳବର୍ତ୍ତୀ ଗାଁ ନିକଟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମିତ ହୋଇଥିବା ସୋଲାର ଶୁଖୁଆ ପ୍ଲାଣ୍ଟ ଏବେ ଖତ ଖାଉଛି । ରକ୍ଷଣାବେକ୍ଷଣ ଅଭାବ ଓ ଠିକ୍ ଜାଗାରେ ଏହା ନିର୍ମାଣ କରାଯାଇ ନ ଥିବାରୁ ଏଗୁଡିକ ବ୍ୟବହାର ନ ହୋଇ ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି । ଗତ ୧୦ ବର୍ଷ ପୂର୍ବେ ମତ୍ସ୍ୟଜୀବୀମାନଙ୍କ ସୁବିଧା ପାଇଁ ଏହି ପ୍ଲାଣ୍ଟ ନିର୍ମାଣ କରାଯାଇଥିଲା। କଞ୍ଚା ମାଛକୁ ସିଧାସଳଖ ମେଶିନ୍ ରେ ଶୁଖାଇ ଭିନ୍ନ କିସମର ଶୁଖୁଆ କରିବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଥିଲା । ମାତ୍ର ନିର୍ମାଣ କିଛି ଦିନ ଚାଲିବା ପରେ ଆଉ ବ୍ୟବହାର ଉପଯୋଗୀ ହେଲା ନାହିଁ । ଏହି ପ୍ରୋଜେକ୍ଟ ଗୁଡିକ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଥିଲେ ହେଁ ଏଗୁଡିକ ଖତ ଖାଇ ମାଟିରେ ମିଶିବାକୁ ବସିଲାଣି। ତେବେ ଏହି ପ୍ଲାଣ୍ଟ ନିର୍ମାଣ ହେବା ପରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଆବଶ୍ୟକ ପ୍ରଶିକ୍ଷଣ ଅଭାବ ଏବଂ କ୍ଷତିରେ ଚାଲିବାରୁ ମହିଳା ଗୋଷ୍ଠୀଗୁଡିକ ଏହାର କାମ ବନ୍ଦ କରିଦେଇଥିଲେ । ପରବର୍ତ୍ତୀ ସମୟରେ ଫାଇଲିନ ଯୋଗୁ ଉପରେ ଥିବା ସୋଲାର ସେଡ୍‌ଗୁଡିକ ପବନରେ ଭାଙ୍ଗି ଯାଇଥିଲା। ତାପରଠାରୁ ପୁନରୁଦ୍ଧାର ହୋଇଛି ନା କୌଣସି ତଦାରଖ କରାଯାଇଛି। ସେବେଠୁ ଏମିତି ଅବହେଳିତ ଅବସ୍ଥାରେ ପ୍ଲାଣ୍ଟଟି ପଡି ରହିଛି । ଏବେ ମତ୍ସ୍ୟଜୀବୀମାନେ ସମୁଦ୍ର ବେଳାଭୂମିରେ ମାଛ ଶୁଖାଇ ଶୁଖୁଆ ପ୍ରସ୍ତୁତ କରୁଛନ୍ତି। ଏଗୁଡିକର ପୁନଃନିର୍ମାଣ କରାଯାଇ ସମୁଦ୍ର ନିକଟରେ ସ୍ଥାପନ କରିବାକୁ ସ୍ଥାନୀୟ ମତ୍ସ୍ୟଜୀବୀ ଦାବି କରିଛନ୍ତି ।



ସୋଲାର ଶୁଖୁଆ ପ୍ଲାଣ୍ଟ ।